# ରୁଫଟପ୍ ସୋଲାର ପ୍ୟାନେଲ ପ୍ରକଳ୍ପ ଉଦ୍‌ଘାଟିତ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ତକବା ଗ୍ରାମରେ ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ଅଧିନରେ ରୁପଟପ୍ ସୋଲାର ପ୍ୟାନେଲ ପ୍ରକଳ୍ପ ସ୍ଥାପନ କରାଯାଇଛି । ସରୋଜିନୀ ଆଚାର୍ଯ୍ୟଙ୍କ ଛାତ ଉପରେ ଏକ କିଲୋୱାଟ୍ ରୁପଟୁପ୍ ସୋଲାର ପ୍ୟାନେଲକୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଶୁଭ ଉଦ୍ଘାଟନ କରିଥିଲେ । ଏହା ମାତ୍ର ୮ହଜାର୭୪୭ଟଙ୍କାରେ ସ୍ଥାପନ କରାଯାଇଛି। ସେ ଏହି ଅବସରରେ କହିଥିଲେ ଯେ, ସମ୍ବଲପୁର ଜିଲ୍ଲାରେ ସବୁଜ ଶକ୍ତି ଉପଲବ୍ଧତା କରିବା ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ । ଏହାଦ୍ୱାରା ସମସ୍ତ ବିଦ୍ୟୁତ୍ ଉପଭୋକ୍ତା ସେମାନଙ୍କର ମାସିକ ବିଦ୍ୟୁତ୍ ବିଲ ହ୍ରାସ କରିପାରିବେ। ଜିଲ୍ଲାରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା ଅଧିନରେ ପ୍ରାୟ ୩ହଜାରରୁ ଅଧିକ ସୌର ପ୍ୟାନେଲ ସ୍ଥାପନ କରାଯାଇଛି । ଆଗକୁ ପ୍ରତ୍ୟେକ ଘରେ ଅଧିକରୁ ଅଧିକ ସୌର ପ୍ୟାନେଲ ସ୍ଥାପନ କରାଯିବ ବୋଲି ଆଶା ପ୍ରକାଶ କରୁଛି । ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ମହାନଗର ନିଗମ କମିଶନର ରେହାନ କ୍ଷତ୍ରି, ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ପ୍ରସନ୍ନ ପାତ୍ର ଓ ସୋଲାର ଏନର୍ଜି ବିଭାଗ ମୁଖ୍ୟ ଆଶିଷ ପାଢୀଯୋଶୀ ଓ ଏସ୍ଇ ସୁଶାନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଏକ କିଲୋୱାଟ ବିଦ୍ୟୁତ୍ ସଂଯୋଗ ଚୁକ୍ତି କରିଥିବା ପଶ୍ଚିମ ଓଡିଶାର ଜଣେ ବିଦ୍ୟୁତ୍ ଗ୍ରାହକ ଏହି ଉଲା ମଡେଲ ଯୋଜନା ଅଧିନରେ ମାତ୍ର ୫ହଜାର ଓ ସୋଲାର ମିଟର ବାବଦକୁ ୩ହଜାର୭୪୭ଟଙ୍କା ବିନିମୟରେ ନିଜ ଛାତ ଉପରେ ସୋଲାର ପ୍ୟାନେଲ ସ୍ଥାପନ କରିପାରିବେ।

## ଖବର ସଂଗ୍ରହ ବେଳେ ଗଣମାଧ୍ୟମଙ୍କୁ ପ୍ରଧାନଶିକ୍ଷୟିତ୍ରୀଙ୍କ ଦୁର୍ବ୍ୟବହାର

# ବିଇଓଙ୍କ ନିକଟରେ ଅଭିଯୋଗ

କେସିଙ୍ଗା, (ସବ୍ୟୁ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍ ଏ ସି ଅନ୍ତର୍ଗତ ୧୨ ନମ୍ବର୍ ୱାର୍ଡ ଠାରେ ରହିଥିବା ପ୍ରାଥମିକ ବିଦ୍ୟାଳୟକୁ ଖବର ସଂଗ୍ରହ ପାଇଁ ବୁଧବାର ୩ ଜଣ ସାମ୍ବାଦିକଙ୍କୁ ଦୁର୍ବ୍ୟବାର କରିବା ସହ ନାଲି ଆଖି ଦେଖାଇଥିଲେ । ଏପରିକି ସାମ୍ବାଦିକଙ୍କ କେମେରାକୁ ଛଡେଇ ନେବା ପ୍ରୟାସ କରିଥିବା ପ୍ରଧାନ ଶିକ୍ଷୟତ୍ରୀ ସବିତା ରଥଙ୍କ ନାମରେ ବିଇଓ ଙ୍କ ନିକଟରେ ଅଭିଯୋଗ ହୋଇଛି। ଉକ୍ତ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଶୌଚାଳୟକୁ ନିଜେ ବ୍ୟବହାର କରିବା ପାଇଁ ତାଲା ମାରି ରଖୁଛନ୍ତି। ଶିକ୍ଷୟତ୍ରୀ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସ୍କୁଲ ପରିବେଶ ଓ ଶ୍ରେଣୀ ଗୃହକୁ ଝାଡୁ ମରାଉ ଥିବା ଅଭିଯୋଗ ହେଉଛି। ମଧ୍ୟାହ୍ନ ଭୋଜନରେ ଛାତ୍ରୀ ଛାତ୍ରଙ୍କୁ ଅଣ୍ଡା ଦୁଇଟା ଦେବା ବଦଳରେ ଫାଲେ ଲେଖାଏ ଦିଆ ଯାଉଥିବାରୁ ଅଭିଭାବକ ମାନେ ବି ଇ ଓ ଙ୍କ ନିକଟରେ ବହୁ ବାର ଅଭିଯୋଗ କରିଆସିଛନ୍ତି । ପିଲାଙ୍କୁ ପେଟପୂରା ମଧ୍ୟାହ୍ନ ଭୋଜନ ଦିଆଯାଉ ନାହିଁ। ଗତ ୨୦୨୧-୨୨ଶିକ୍ଷା ବର୍ଷରେ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ଗୋଟିଏ ସ୍କୁଲରେ ୧୦ ବର୍ଷ ଶିକ୍ଷକତା କରିଥିବେ ସେମାନଙ୍କୁ ବାଧ୍ୟତା ମୂଳକ ଭାବେ ବଦଳି ହୋଇଥିଲା। କିନ୍ତୁ ଏହି ପ୍ରଧାନ ଶିକ୍ଷୟିତ୍ରୀ ଜଣକ ଗୋଟିଏ ସ୍କୁଲରେ ୧୭ ବର୍ଷ ହେଲାଣି କାହିଁକି ବଦଳି କରାଗଲା ନାହିଁ ।ମୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଛି ।

ଉକ୍ତ ସ୍କୁଲରେ ଦୀର୍ଘ ବର୍ଷ ଧରି କାମ କରୁଥିବା ସାହାଯ୍ୟ କାରିଣୀଙ୍କୁ ବିଲାନ୍ତା ସୁନାଙ୍କୁ ଛୋଟ ଜାତିର ବୋଲି କାର୍ଯ୍ୟରୁ ବାହାର କରିଦେଇଛନ୍ତି ବୋଲି ଅଭିଯୋଗ ରହିଛି । ସେ ଜାଗାରେ ଅନ୍ୟ ଜଣେ ସହାୟକଙ୍କୁ ମୋଟା ଅଙ୍କ ନେଇ ନିଯୁକ୍ତି ଦିଆ ଯାଇଛି ବୋଲି ଚର୍ଚ୍ଚା ଜୋର ଧରିଛି। ପ୍ରଧାନ ଶିକ୍ଷୟିତ୍ରୀ ଜଣକ କେସିଙ୍ଗା ସହରର ହୋଇଥିବାରୁ ମନା ଇଛା ସ୍କୁଲକୁ ଯିବା ଆସିବା କରୁଥିବା ମଧ୍ୟ ଅଭିଯୋଗ ରହିଛି । ପ୍ରଧାନ ଶିକ୍ଷୟତ୍ରୀ ଜଣକ ଘଣ୍ଟା ଘଣ୍ଟା ଧରି ମୋବାଇଲ୍‌ରେ କଥା ହେଉଥିବାରୁ ସ୍କୁଲରେ ପଢୁ ଥିବା ପିଲା ବାହାରେ ବୁଲି ଥାନ୍ତି। ମଧ୍ୟାହ୍ନ ଭୋଜନରେ ମେନୁ ହିସାବରେ ଭୋଜନ ପ୍ରସ୍ତୁତ କରା ଯାଉ ନାହିଁ। ଏହି ସବୁ ସମସ୍ୟା ଥିବାରୁ ୱାର୍ଡ ବାସୀ କେସିଙ୍ଗା ବ୍ଲକ୍ ସମୟ ପ୍ରତିନିଧି ମଧୁ ସିହ୍ନର ଅପୂ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ଖବର ସଂଗ୍ରହ ପାଇଁ ଉକ୍ତ ବିଦ୍ୟାଳୟକୁ ସାମ୍ବାଦିକ ମାନେ ତଥ୍ୟ ସଂଗ୍ରହ ପାଇଁ ଯାଇଥିଲେ । ଅଭିଯୋଗ ବିଷୟରେ ଶିକ୍ଷୟତ୍ରୀ ଜଣଙ୍କ ମତାମତ ନେବା ପାଇଁ ଚେଷ୍ଟା କରୁଥିବା ବେଳେ ଶିକ୍ଷୟତ୍ରୀ ଜଣଙ୍କ ଭିଡିଓ ରେକର୍ଡିଂ କରୁଥିବା ମୋବାଇଲକୁ ଟାଣି ନେବା ପାଇଁ ଚେଷ୍ଟା କରିବା ସହ ନାଲି ଆଖି ଦେଖାଇବାକୁ ପଛାଇନଥିଲେ । ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିଥିଲେ। ସ୍କୁଲର ବିଭିନ୍ନ ପାଣ୍ଠିରୁ ମିଥ୍ୟା ବିଲ ଭାଉଚର କରି ସରକାରୀ ଅର୍ଥକୁ ଆତ୍ମସାତ କରିଥିବାର ଅଭଯୋଗ ହୋଇଛି। ଦୀର୍ଘ ୧୭ବର୍ଷ ଧରି ଏହି ସ୍କୁଲ ରେ ଥିବା ପ୍ରଧାନ ଶିକ୍ଷୟତ୍ରୀଙ୍କୁ ବଦଳି କରିବା ପାଇଁ ୱାର୍ଡ ବାସୀ ଦାବି କରିଛନ୍ତି।



ଆସନ୍ତା ୧୫ତାରିଖ ଭିତରେ ବଦଳି କରା ନ ଗଲେ କେସିଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଗଣଆନ୍ଦୋଳନ କରାଯିବା ପାଇ ୱାର୍ଡ ବାସୀ ଶିକ୍ଷା ବିଭାଗକୁ ଚେତାବନୀ ଦେଇଛି। କେସିଙ୍ଗାର ସମସ୍ତ ସାମ୍ବାଦିକ ମାନେ ବିଇଓ ଙ୍କ ନିକଟରେ ସାମ୍ବାଦିକ ମାନଙ୍କୁ ଦୁର୍ବ୍ୟବହାର କରିଥିବା ହେତୁ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ କରିଥିଲେ। ଏ ସଂକ୍ରାନ୍ତରେ କେସିଙ୍ଗା ଗୋଷ୍ଠି ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରାଙ୍କୁ ପଚାରିବାରୁ ମୁଁ ତଦନ୍ତ ଏକ ଟିମ ପଠାଇବି ଓ କଡା କାର୍ଯ୍ୟାନୁଷ୍ଠାନ ନେବି ବୋଲି ପ୍ରକାଶ କରିଥିଲେ। ତଥ୍ୟ ନେବାରେ ଜଣାପଡ଼ିଛି ଯେ ଶୁକ୍ରବାର ୪ ଜଣିଆ କମିଟି ସ୍କୁଲ ପରିଦର୍ଶନ କରି ତଥ୍ୟ ନେଇଥିବା ଜଣାପଡ଼ିଛି ।

# ପୁଟୁକେଲଚୁଆଁ ଗାଁରେ ହାତୀ ସୁରକ୍ଷା ସଚେତନତା



ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ ଘୁନୁସର ପୁଟୁକେଲଚୁଆଁ ଠାରେ ଘୁନୁସର ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ତତଫରୁ ହାତୀ ସୁରକ୍ଷା ସଂପର୍କିତ ସଚେତନତା ଶିବିର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତାଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ମୁଖ୍ୟବକ୍ତା ରୂପେ ଏସି ଏଫ୍ ତଥା ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ରେଙ୍ଗାଲି ବନପାଳ ବିପିନ ସାହୁ, ଟେକେନ୍ଦ୍ର ଜାଳ, ବିଦ୍ୟାଳୟ ସଭାପତି ବିକାଶ ଦାଶ ପ୍ରମୁଖ ଯୋଗଦେଇ ପ୍ରକୃତିର ସୁରକ୍ଷା ମଣିଷ ସମାଜ ସୁରକ୍ଷା ବୋଲି କହିଥିଲେ। ଜଙ୍ଗଲ ଅବକ୍ଷୟ ଯୋଗୁଁ ବନ୍ୟ ଜନ୍ତୁ ଜନବସତି ମୁହାଁ ହେଉଥିବା କହିଥିଲେ। ଏହି ଅବସରରେ ବିଦ୍ୟାଳୟ ର ଛାତ୍ରୀ ଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ, ଗ୍ରାମବାସୀ ଉପସ୍ଥିତ ଥିଲେ।

# ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ନେଇ କର୍ମଶାଳା

ବୋରିଗୁମ୍ମା,(ସବ୍ୟୁ): କୋରାପୁଟ ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗୀୟ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରତ୍ୟେକ ବିଷୟଗତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଦୁଇ ଦିନିଆ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳା ଦୁଇ ଦିନ ଚାଲିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ କିପରି ଭଲ ନମ୍ବର ରଖି ଆଗାମୀ ବାର୍ଷିକ ପରୀକ୍ଷାରେ ପାସ୍ କରିବେ ଓ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ପାସ୍ କରିବେ ସେଥିପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀ, କୋରାପୁଟ ସୁନୀଲ କୁମାର ତାଣ୍ଡି ଙ୍କ ତରଫରୁ ଏହି କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳା ରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଅର୍ଜୁନ ନାୟକ ସମ୍ପୂର୍ଣ୍ଣ ତ୍ୱାବଧାନ ନେଇଥିବା ବେଳେ ବରିଷ୍ଠ ଶିକ୍ଷକ ଏନ୍ ରାଜେଶ କୁମାର ଓ ହିରୋଦ ଖରା ( ଇଂରାଜୀ ) ରାଘବ ଚନ୍ଦ୍ର ଦେହୁରୀ ଓ ରାଜେଶ କୁମାର ନାୟକ (ଓଡିଆ), ଗୌର ଚନ୍ଦ୍ର ପ୍ରହରାଜ ରାଜଗୁରୁ ଓ ରାଜୀବ ଲୋଚନ ମହାପାତ୍ର (ସାମାଜିକ ବିଜ୍ଞାନ), ରୁଦ୍ର ପ୍ରସାଦ ପାୀ ଓ ରବିନ୍ଦ୍ର ଭଞ୍ଜ (ଗଣିତ), ଅଜୟ କୁମାର ଜେନା ଓ ସରୋଜ କୁମାର ଚେଟ୍ଟି (ବିଜ୍ଞାନ) ଦାୟିତ୍ୱ ନେଇ ପ୍ରତ୍ୟେକ ବିଷୟରେ ଛାତ୍ରଛାତ୍ରୀମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପଦ୍ଧତି କୌଶଳ ବ୍ୟବହାର କରି ଆଗାମୀ ଦଶମ ବାର୍ଷିକ ପରୀକ୍ଷାରେ ଭଲ କରିବାକୁ ଆଲୋଚନା କରିଥିଲେ। ଦଶମ ଶ୍ରେଣୀ ପରୀକ୍ଷା ଆଉ ଦୁଇ ମାସ ଥିବାରୁ ଛାତ୍ରଛାତ୍ରୀମାନଙ୍କୁ ଭଲ ଭାବେ ପ୍ରସ୍ତୁତ କରାଇବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ତରଫରୁ ଏହି କର୍ମଶାଳା ଆୟୋଜିତ ହୋଇଥିଲା।

# ବ୍ରିଜ ନିର୍ମାଣ ଦାବିରେ ଜାତୀୟ ରାଜପଥ ଅବରୋଧ



ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକକଦଳିଗଡ଼ ପଞ୍ଚାୟତର ପଣ୍ଡକିମାଲରୁ ଦୁଇମୁହାଣୀ ରାସ୍ତାରେ ଥିବା କେରାଣ୍ଡି ନାଳରେ ପୋଲୋ ନିର୍ମାଣ ଦାବୀ ନେଇ ୨ଟି ପଞ୍ଚାୟତର ୧୫ ଟି ଗ୍ରାମର ଗ୍ରାମବାସୀ ପଣ୍ଡକିମାଲ ଠାରେ ରାଞ୍ଚି ବିଜୟୱାଡା ଜାତୀୟ ରାଜପଥ ଅବରୋଧ କରିଥିଲେ ।ସୂଚନା ଅନୁସାରେ ଦୀର୍ଘ ପନ୍ଦର ବର୍ଷ ହେଲାଣି କଦଳିଗଡ଼ ପଂଚାୟତ ର ପଣ୍ଡକିମାଲରୁ ଦୁଇମୁହାଣୀ ରାସ୍ତାରେ ଥିବା କେରାଣ୍ଡି ନାଳ ରେ ପୋଲୋ ନିର୍ମାଣ ଦାବୀ ନେଇ ୨ଟି ପଞ୍ଚାୟତର ଅଧିବାସୀ ବହୁଦିନରୁ ଦାବି କରି ଆସୁଥିଲେ । ହେଲେ ପ୍ରଶାସନ ଗ୍ରାମବାସୀ ମାନଙ୍କ ର କଥାକୁ ଆଦୌ ଶୁଣୁ ନ ଥିବାରୁ ବାଧ ହୋଇ ରାସ୍ତାରୋକ କରିଥିଲେ । ପୂର୍ବରୁ ଜୈନିକ ପ୍ରଶାସନ ଅଧିକାରୀ ପୋଲ ହେବା ପାଇଁ ପ୍ରତିଶୃତି ଦେଇଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇ ନ ଥିବାରୁ ଶେଷରେ ବାଧ ହୋଇ ରାସ୍ତା ଅବରୋଧ କରିଥିବା ସହ ଆନ୍ଦୋଳନରେ ବସିଥିଲେ । ଘଟଣା ସ୍ଥଳକୁ ପୋଲିସ ଓ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ଏବଂ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଲୋକ ମାନଙ୍କୁ ବୁଝା ସୁଝା କରିବା ସହିତ ପୋଲ ନିର୍ମାଣ ପାଇଁ ଲିଖିତ ପ୍ରତିଶ୍ରୁତି ପରେ ରାସ୍ତାରୋକ ହଟିଥିଲା । ଦୀର୍ଘ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା ।

# ନିଆଁ ଲାଗି ବୃଦ୍ଧ ଗୁରୁତର

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ନିକଟରେ ରହୁଥିବା ବୃଦ୍ଧ ଦୂତିକୃଷ୍ଣ ମୁଖି ନିଆଁରେ ପୋଡି ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁସାରେ ଶୁକ୍ରବାର ସକାଳେ ଦୁତି କୃଷ୍ଣ ନିଜ ଘରେ ନିଆଁ ପୁଆଁଉଥିଲେ। ଅସାବଧାନତା ବଶତଃ ତାଙ୍କ ଦେହରେ ନିଆଁ ଲାଗିଯିବାରୁ ସେ ନିଆଁରେ ପୋଡି ହୋଇ ଗୁରୁତର ହୋଇଥିଲେ। ଖବର ପାଇ ହରଭଙ୍ଗା ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରି ପ୍ରଥମେ ପୁରୁଣାକଟକ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୌଦ୍ଧ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଦୂତିକୃଷ୍ଣ ମୁଖିଙ୍କ ଶରୀରର ୫୦ ଭାଗ ପୋଡ଼ି ଯାଇଥିବା ସୂଚନା ମିଳିଛି। ତାଙ୍କ ନିଜ ଘର କନ୍ଧମାଳ ଜିଲ୍ଲା ଟିକାବାଲି ଥାନା ଟୁଡୁବାଲି ଗ୍ରାମ ହୋଇଥିବା ବେଳେ ସେ ଚାରିଛକରେ ଏକାକୀ ଦୀର୍ଘ ଦିନ ହେଲା ରହିଆସୁଥିଲେ।

# ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀଙ୍କ ଭାତୃ ବିୟୋଗ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହର ଝାଡୁଆପଡା ନିବାସୀ ଶୁଭ୍ରାଂଶୁ ଶେଖର ପୂଜାରୀଙ୍କ ପରଲୋକ ହୋଇଯାଇଛି । ସେ ମୁଖ କର୍କଟ ରୋଗରେ ଚିକିତ୍ସାଧିନ ଥିଲେ । ତାଙ୍କ ବିୟୋଗ ଯୋଗୁଁ ଶୋକର ଛାୟା ଖେଳି ଯାଇଛି । ସମ୍ବଲପୁର ରାଜଘାଟରେ ତାଙ୍କର ଅନ୍ତେଷ୍ଟି କ୍ରିୟା କରାଯାଇଛି । ସୂଚନାଯୋଗ୍ୟ, ସ୍ୱର୍ଗତ ସୁଧାଂଶୁ ହେଉଛନ୍ତି ସ୍ୱର୍ଗତ ତାରିଣୀ ପୂଜାରୀଙ୍କ କନିଷ୍ଠ ପୁତ୍ର ଏବଂ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ. ରୋହିତ ପୂଜାରୀଙ୍କ ବଡବାପାଙ୍କ ସୁପୁତ୍ର । ମୃତ୍ୟୁ ଶର୍ଯ୍ୟା ନିକଟରେ ଧର୍ମପତ୍ନୀ ସୁଷମା ପୂଜାରୀ, ପୁଅ ସୌରଭ ଓ ସ୍ୱସ୍ତିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ କୃଷ୍ଣାକେଶୀ ବଳିୟାରସିଂହ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବଳିୟାର ସିଂହଙ୍କୁ ଫୁଲ ତୋଡା ଦେଇ ସ୍ୱାଗତ କରିବା ସହ ତାଙ୍କ ସଫଳ କାର୍ଯ୍ୟକାଳ ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗରେ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ସୁସମ୍ପର୍କର ସେତୁ ଭାବେ କାର୍ଯ୍ୟ କରିବେ ବୋଲି ବଳିଆରସିଂହ ମତ ରଖିଛନ୍ତି ।

# ଆଇନ୍ ସମ୍ମତ ପୋଷ୍ୟ ସନ୍ତାନ ଗ୍ରହଣ

## ଜିଲ୍ଲାରେ ସୃଷ୍ଟି ହେଲା ନୂତନ ପରମ୍ପରା

ନୂଆପଡା,(ସବ୍ୟୁ): ନୂଆପଡା ଜିଲ୍ଲାରେ ପ୍ରଥମଥର ପାଇଁ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ସଫଳଭାବେ ସମ୍ପନ୍ନ ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା ଭାଗ ଏବଂ ସ୍ୱତନ୍ତ୍ର ଗ୍ରହଣ ସଂସ୍ଥା ନୂଆପଡା ମଧ୍ୟସ୍ଥତାରେ ଗୋଟିଏ ଶିଶୁ କନ୍ୟାକୁ ଅନ୍ୟ ରାଜ୍ୟ , ତାମିଲନାଡୁର ଏକ ପରିବାର ଦ୍ୱାରା ଦତ୍ତକ ଗ୍ରହଣ କରାଯାଇଛି। ପୋଷ୍ୟ କନ୍ୟାର ସମ୍ପୂର୍ଣ୍ଣ ଶିକ୍ଷା, ସେବା ଓ ସୁରକ୍ଷା ଦାୟିତ୍ୱ ନୂଆ ପରିବାର ଆଇନ୍ ସମ୍ମତ ହିସାବରେ ନେଇଛନ୍ତି। ଆଗରୁ ନୂଆପଡାର ଏଭଳି ପୋଷ୍ୟ ସନ୍ତାନ ଦାନ କଳାହାଣ୍ଡି ଜିଲ୍ଲା ମାର୍ଫତରେ ହେଉଥିଲା । ଏବେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସ୍ୱତନ୍ତ୍ର ପ୍ରଚେଷ୍ଟା ବଳରେ ଜିଲ୍ଲାରେ ଏସଏଏ କାର୍ଯ୍ୟକ୍ଷମ ହୋଇ ପାରିଛି । ଏହି ଘଟଣା ଜିଲ୍ଲାରେ ପୋଷ୍ୟ ସନ୍ତାନ ସୁରକ୍ଷା ଓ ସେବା ମାମଲାରେ ଏକ ମାଇଲଷ୍ଟୋନ୍ ହେବ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ଦାଶଙ୍କ ନିର୍ଦ୍ଦେଶରେ ଶିଶୁ ସୁରକ୍ଷା ବିଭାଗ ଭାରପ୍ରାପ୍ତ ଅଧିକାରୀ ଚିନ୍ମୟ ସାଗର ଓ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇ ଆବଶ୍ୟକ ବିଧି ବ୍ୟବସ୍ଥା ଗ୍ରହଣ କରିଥିଲେ । ଏହି ନୂତନ ପଦକ୍ଷେପ ଜିଲ୍ଲାରେ ଅନ୍ୟ ଆବାସିତ ଶିଶୁମାନଙ୍କ ପାଇଁ ନୂତନ ଆଶା ସୃଷ୍ଟି କରିଛି। ସମାଜସେବୀ ସଂଗଠନମାନେ ଏହି ପଦକ୍ଷେପକୁ ସ୍ୱାଗତ କରି ଅଧିକ ନିସନ୍ତାନ ପରିବାରଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରତି ଆଗ୍ରହୀ ହେବାକୁ ଆହ୍ୱାନ କରିଛନ୍ତି।

# ନାରୀ ନିର୍ଯାତନା ବିରୋଧରେ ସଇଁତଲା ଥାନା ଘେରାଉ





ସଇଁତଲା, (ସବ୍ୟୁ): ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ଅଞ୍ଚଳରେ ଦିନକୁ ଦିନ ନାରୀ ନିର୍ଯାତନା ବଢ଼ି ଚାଲୁଥିବା ସହ ମହିଳାଙ୍କୁ ନ୍ୟାୟ ଦେବାରେ ପୁଲିସ ବିଫଳ ହୋଇଛି । ଏନେଇ ଶୁକ୍ରବାର ଏଲଡିଏ ର ମୁଖ୍ୟ ଲବ କୁମ୍ଭାରଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ମାନେ ସ୍ଥାନୀୟ ଡାକ ବଙ୍ଗଳା ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସୂଚନା ମତେ, ଗତ ନଭେମ୍ବର ୩ ତାରିଖ ଦିନ ସଇଁତଲା ଅଞ୍ଚଳର ଜଣେ ନାବାଳିକା ଝିଅକୁ ଅସଦାଚରଣ ହୋଇଥିବା ସଇଁତଲା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ର ଗୋଟିଏ ମାସ ବିତିଯାଇଥିଲେ ସୁଦ୍ଧା ଅଭିଯୁକ୍ତକୁ ଗିରଫ କରିବାରେ ବିଫଳ ହୋଇଛି ବୋଲି ଆଲୋଚନା ଜୋର ଧରିଛି । ଶେଷରେ ବାଧ ହୋଇ ଆଜି ଏଲଡିଏ ପକ୍ଷରୁ ଲବ ସୁନାଙ୍କ ନେତୃତ୍ୱରେ ସଇଁତଲା ଥାନା ଘେରାଉ କରି ବିଭିନ୍ନ ନାରାବାଜି ଦେବା ସହ ସଇଁତଲା ପୁଲିସ କାର୍ଯ୍ୟ ଶୈଳୀ ସୁଧାର କରୁ ନ ହେଲେ ଆଗାମୀ ଦିନରେ ପୀଡିତା ନାବାଳିକା ନ୍ୟାୟ ନପାଇଲେ ସଂଗଠନ ପକ୍ଷ ରୁ ଆହୁରି ଭୟଙ୍କର ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ । ତେବେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ପୌର ପରିଷଦ ପକ୍ଷରୁ ଶୋକସଭା

ଝାରସୁଗୁଡ଼ା,(ସବ୍ୟୁ): ଝାରସୁଗୁଡ଼ା ପୌରପରିଷଦ ୱାର୍ଡ ନଂ ୪ ର କାଉନସିଲର ଡାନିଏଲ ଲାକ୍ରାଙ୍କ ଗତ ୩ ତାରିଖ ଦିନ ଆକସ୍ମିକ ବିୟୋଗ ହୋଇଯାଇଛି । ଲାକ୍ରାଙ୍କ ବିୟୋଗରେ ପୌର ପରିଷଦ ପକ୍ଷରୁ ଏକ ଶୋକସଭା ଆୟୋଜିତ ହୋଇଥିଲା । ପୌରାଧ୍ୟକ୍ଷା ରାନୀ ହାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସ୍ୱର୍ଗତ ଲାକ୍ରାଙ୍କ ସ୍ମୃତି ଚାରଣ କରିବା ସହ ସ୍ୱର୍ଗତ ଲାକ୍ରାଙ୍କ ବହୁମୁଖୀ ପ୍ରତିଭା ଓ ପୌର ପରିଷଦ ପାଇଁ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, ବିଭିନ୍ନ ୱାର୍ଡର କାଉନସିଲର, ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ସହ ପୌର ପରିଷଦର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ରାଜବୋଡ଼ାସମ୍ବର୍ ଉଚ୍ଚ ବିଦ୍ୟାଳୟରେ

# ଜାତୀୟ ଯକ୍ଷ୍ମା ନିରାକରଣ ସଚେତନତା



ପଦ୍ମପୁର,(ସବ୍ୟୁ): ଉପଖଣ୍ଡ ଚିକିତ୍ସାଳୟ ପଦ୍ମପୁର ଏବଂ ଏନ୍.ଟି.ଇ.ପି ପକ୍ଷରୁ ଶୁକ୍ରବାର ଦିନ ସ୍ଥାନୀୟ ରାଜବୋଡ଼ାସମ୍ବର୍ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ଯକ୍ଷ୍ମା ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରାଲମ୍ବ ପ୍ରସାଦ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ସହରାଞ୍ଚଳ ଜନ ଆରୋଗ୍ୟ ସମିତିର ସଭ୍ୟ ନିରୋଜ ଦୋରା ଏବଂ ସମ୍ମାନିତ ଅତିଥି ଭାବେ ଟି .ବି ସୁପରଭାଇଜର୍ ମୁନୁ ଗଡତିୟା ଯୋଗଦାନ କରିଥିଲେ । ମହିଳା ସ୍ୱାସ୍ଥ୍ୟ କର୍ମୀ ବିଶ୍ୱଲୟା ସାହୁ, ମିନତି ସାହୁ ଏବଂ ଆଶା ଦିଦି ସୁରେଖା ନନ୍ଦିଘୋଷ ପ୍ରମୁଖ ସଭାରେ ମଞ୍ଚାସୀନ ଥିଲେ। ସର୍ବପ୍ରଥମେ ଅତିଥି ମାନଙ୍କ ଦ୍ୱାରା ଶ୍ରୀ ଗଣେଶ ଓ ମାତା ସରସ୍ୱତୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ପ୍ରଜ୍ୱଳନ କରାଯାଇଥିଲା। ମୁଖ୍ୟ ଅତିଥି ତଥା ମଞ୍ଚାସୀନ ଅତିଥି ଯକ୍ଷ୍ମା ନିରାକରଣ ସଚେତନତା ଉପରେ ତାଙ୍କର ପ୍ରେରଣାଦାୟୀ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମ ଅବସରରେ ଲିଖିତ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ୮ ହୋଇଥିଲା ଏବଂ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଅଭିଲାଷ ସାହୁ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରୀତିରଶ୍ମି ସେଠ୍ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ସୁଶିଲ ମେହେର, ରୁଦ୍ରାଙ୍ଗଦ ବାରିକ,ସଂଗ୍ରାମ କେଶରୀ ଦୀପ ,ଚନ୍ଦନ ନାୟକ ତଥା ଶିକ୍ଷୟିତ୍ରୀ ଅମ୍ବିକା ରଥ,ମଧୁସ୍ମିତା ବର୍ଗେ,ଅମୃତା ବାରିକ,ଅନୁପମା ମେହେର,ନେହା ସାହୁ,ସୁନୀତା ଖମାରୀ ଏବଂ ବିଦ୍ୟାଳୟ ର ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ସଭାକୁ ସଫଳ କରିବା ନିମିତ୍ତ ସହଯୋଗ କରିଥିଲେ।

# କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ପ୍ରସ୍ତୁତି ବୈଠକ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡିର କଳା, ସଂସ୍କୃତି ଐତିହ ପରମ୍ପରା ଓ ଭାଇଚାରା ସମ୍ପର୍କର ମହୋତ୍ସବ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ମହାସମାରୋହରେ ପାଳନ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ତଥା ଅଧ୍ୟକ୍ଷ ଜିଲ୍ଲା ସଂସ୍କୃତି ପରିଷଦ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।

ବୈଠକର ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇ ପ୍ରତିବର୍ଷ ଭଳି ଆଗାମୀ ୨୮ତମ କଳାହାଣ୍ଡି ଉତ୍ସବ ଘୁମୁର କିପରି ଶାନ୍ତି ଶୃଙ୍ଖଳା ସହିତ ଭାଇଚାରା ସମ୍ପର୍କକୁ ବଜାଇରଖି ମହାସମାରୋହରେ ଆସନ୍ତା ତା.୧୪.୦୧.୨୦୨୬ ଠାରୁ ତା.୧୭.୧.୨୦୨୬ ପର୍ଯ୍ୟନ୍ତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଭବାନୀପାଟଣା ଓ ତା.୧୫.୦୧.୨୦୨୬ ଠାରୁ ତା.୧୭.୦୧.୨୦୨୬ ପର୍ଯ୍ୟନ୍ତ ଧର୍ମଗଡଠାରେ ପାଳନ କରାଯିବ ସେ ଦିଗରେ ସମସ୍ତଙ୍କର ପୂର୍ଣ୍ଣ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ । ଜିଲ୍ଲାର ସାଂସ୍କୃତିକ ମହୋତ୍ସବ କଳାହାଣ୍ଡି ଉତ୍ସବ ଘୁମୁରା କାର୍ଯ୍ୟକ୍ରମକୁ ସୁଚାରୁରୂପେ ତୁଲାଇବା ପାଇଁ ଓ ଅଧିକ ସରସ ସୁନ୍ଦର କରିବା ନିମନ୍ତେ ଆବଶ୍ୟକ ବିଭିନ୍ନ କମିଟି, ସବକମିଟି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପୂର୍ବବର୍ଷ ଭଳି ଆଗାମୀ କଳାହାଣ୍ଡି ଉତ୍ସବ-୨୦୨୬ ଗ୍ରାମ ପଞ୍ଚାୟତ, ବ୍ଲକ ଏବଂ ପୌରାଞ୍ଚଳ, ଜିଲ୍ଲା ସ୍ତରରେ ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ନିର୍ଦ୍ଧାରିତ ତାରିଖରେ ବିଭିନ୍ନ କାର୍ଯ୍ୟକ୍ରମ ର ଆୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି । ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାର ର ଉଚ୍ଚକୋଟିର ସାଂସ୍କୃତିକ ଦଳ ଆଣିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବିଗତବର୍ଷ ଭଳି ଆଗାମୀ କଳାହାଣ୍ଡି ଉତ୍ସବକୁ ମହାସମାରୋହରେ ଅଧିକ ସରସ ସୁନ୍ଦର ଭାବେ ଆୟୋଜନ କରାଯିବା ନିମନ୍ତେ ବୈଠକରେ ଉପସ୍ଥିତ ସଭା, ସଭ୍ୟା ନିଜର ମତ ରଖିଥିଲେ। ଉତ୍ସବ ସମୟରେ ସହରରେ ଜନଗହଳି ର ଆଶଙ୍କା ଥିବାରୁ ଆବଶ୍ୟକ ରାସ୍ତା ଘାଟ ମରାମତି, ସଫା ସୁତୁରା, ଆଲୋକର ବ୍ୟବସ୍ଥା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧିକ୍ଷକ ନାଗରାଜ୍ ଦେବର କୋଣ୍ଡା, ଅତିରିକ୍ତ ଜିଲ୍ଲପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍) ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି,ଉପ ଜିଲ୍ଲାପାଳ, ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଉପ ଜିଲ୍ଲାପାଳ ଭବାନୀପାଟଣା, ପ୍ରଭାତ କୁମାର ପରିଡା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ, ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା,ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ସାଂସଦ କଳାହାଣ୍ଡିଙ୍କ ପ୍ରତିନିଧି ଜୟଶଙ୍କର ନାୟକ, ସଦର ବିଧାୟକ ଙ୍କ ପ୍ରତିନିଧି ଉତ୍ସବ ସାହୁ, ଭାଜପା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼, ରାଜ୍ୟ ସଭା ସାଂସଦ ଙ୍କ ପ୍ରତିନିଧି ଭଣ୍ଡାସ୍ର ମହାପାତ୍ର, କଳାହାଣ୍ଡି ଉତ୍ସବ ଘୁମୁରା- ୨୦୨୫ ସବକମିଟିର ସମସ୍ତ କର୍ମକର୍ତ୍ତା, ସଭ୍ୟ, ସଭ୍ୟା, ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗ ଦେଇ ନିଜର ସୁଚିନ୍ତିତ ମତାମତ ରଖିଥିଲେଛ ସମସ୍ତ ଙ୍କର ମତାମତକୁ ପ୍ରାଧାନ୍ୟ ଦେଇ ଉତ୍ସବ ପାଳନ ର କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ପାଇଁ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ପରିଚାଳନା କରିଥିଲେ ଏବଂ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।